# ଜିଲ୍ଲା ସ୍ତରୀୟ ସଡକ ସୁରକ୍ଷା କମିଟୀ ବୈଠକ -

# ସହର ମଧ୍ୟରେ ଭାରିଯାନର ଚଳାଚଳ ଉପରେ କଟକଣା ।

ଅନୁଗୋଳ,ତା.୨୧.୧୨:- ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ନିମନ୍ତେ ବିଭିନ୍ନ ଆଇନକୁ କଡା କଡି କାର୍ଯ୍ୟକାରୀ କରିବା ସହ ଦୁର୍ଘଟଣାରେ ଆହତମାନଙ୍କୁ କିପରି ତୁରନ୍ତ ଡାକ୍ତରଖାନାରେ ପହଂଚାଯାଇପାରିବ ସେ ସମ୍ପର୍କରେ ସଡକ ସୁରକ୍ଷା କମିଟୀର ଏକ ବୈଠକ ଗତକାଲି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଏହି ବୈଠକରେ ଅଧ୍ୟକ୍ଷତା କରି ସଡକ ସୁରକ୍ଷା ଆଇନକୁ କଡା କଡି କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନୁଗୋଳ ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ଏହାର ପ୍ରତିକାର ପାଇଁ ଅନୁଗୋଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବସୁଥିବା ଉଠା ପରିବା ଦୋକାନିଙ୍କ ପାଇଁ ଅନ୍ୟତ୍ର ବିକଳ୍ପ ବ୍ୟବସ୍ଥା କରି ସେମାନଙ୍କୁ ଉଠାଇବାକୁ ପରାମର୍ଶ ଦେଇଛନ୍ତି । ଏହାଛଡା ନାଲ୍‌କୋ , ଏଫ୍ ସି ଆଇ ଛକରୁ ଆର ଟି ଓ ଅଫିସ୍ ପର୍ଯ୍ୟନ୍ତ ସମସ୍ତ ଭାରିଯାନ ୩୦ ଓ ୪ ଚକିଆ ସମେତ ମଟର ସାଇକେଲଗୁଡିକ ୪୦ ବେଗରୁ ଅଧିକ ବେଗରେ ଗଲେ ସେମାନଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି । ଜାନୁୟାରୀ ପହିଲାରୁ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଜାତୀୟ ରାଜପଥର ନାଲ୍‌କୋ ,ଏଫ୍ ସି ଆଇ ଛକ ଓ ଆର ଟି ଓ ଅଫିସ ନିକଟରେ ସତର୍କତା ବାର୍ତ୍ତା ହୋଡିଂ ମାଧ୍ୟମରେ ଗାଡିଚାଳକମାନଙ୍କ ପାଇଁ ପ୍ରଦର୍ଶୀତ କରିବାକୁ ଜାତୀୟ ରାଜପଥ ପ୍ରାଧିକରଣର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି । ବିନା ହେଲମେଟ, ମଦ୍ୟପାନ କରି ଗାଡି ଚଳାଉଥିବା, ଗାଡି ଚାଳନା ସମୟରେ ମୋବାଇଲ ଫୋନର ବ୍ୟବହାର ଓ ୨ ଚକିଆ ଗାଡିରେ ୩ ଜଣ ବସାଇ ଯାଉଥିବା ଚାଳକମାନଙ୍କର ଲାଇସେନସ୍ ରଦ୍ଦ କରିବା ସହ ସରକାରଂକ ନିର୍ଦ୍ଧାରିତ ଜୋରିମନା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଦୁର୍ଘଟଣା ପ୍ରବଣ ସ୍ଥାନରେ ରମ୍ବଲରସ୍ ଓ ଧଳା ଚିହ୍ନ ଲଗାଇବା ସହ ଜନଗହଳିପୂର୍ଣ୍ଣ ଛକରେ ପୋଲିସ କର୍ମଚାରୀ ନିୟୋଜିତ କରିବାକୁ ପରାମର୍ଶ ଦିଆଯାଇଛି । ଖାଲଖମା ଗୁଡିକୁ ନିୟମିତ ମରାମତି କରିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ପାକିଂ ନିମନ୍ତେ ଆବଶ୍ୟକ ରାସ୍ତା ଚଉଡା କରିବାକୁ ଉଭୟ ଜାତୀୟ ରାଜପଥ ପ୍ରାଧିକରଣଙ୍କୁ ପରାମର୍ଶ ଦିଆଯାଇଛି । ସରକାରଂକ ଦ୍ୱାରା ସଡକ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ ହେଉଥିବାରୁ ବିଗତ ମାସ ଅପେକ୍ଷା ଚଳିତ ମାସରେ ଦୁର୍ଘଟଣାର ହାର କମିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ଭୋଇ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଟ୍ରାଫିକ୍ ନିୟମ ଉଲଂଘନକାରୀଂକ ପ୍ରତି ହୋଇଥିବା ଜୋରିମନା ଓ ଦୁର୍ଘଟଣାର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଚଳିତ ବର୍ଷ ନଭେମ୍ବର ମାସ ସୁଦ୍ଧା ୩୯୦ଟି ଦୁର୍ଘଟଣା ଘଟି ୧୮୮ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦୮ ଜଣ ଗୁରୁତର ଆହତ ଓ ୧୧୫ ଜଣ ସାମାନ୍ୟ ଆହତ ହୋଇଛନ୍ତି । ଦୁର୍ଘଟଣା ସମୟରେ ଆମ୍ବୁଲାନସ ସେବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ସର୍ବ ଭାରତୀୟ ଟୋଲ ଫି ନମ୍ବର-୧୦୩୩ ସହ ସ୍ଥାନୀୟ ଟୋଲ ଫି ନମ୍ବର ରାସ୍ତାର ବିଭିନ୍ନ ସ୍ଥାନରେ ପ୍ରଦର୍ଶୀତ କରିବାକୁ ପରାମର୍ଶ ଦିଆଯାଇଛି । ୨୦୧୯ ମସିହା ଜାନୁଆରୀ ଠାରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଗାଡି ଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର କରୁଥିବା ୧୫ଜଣ,ଭୁଲ ସ୍ଥାନରେ ଗାଡି ପାକିଂ କରିଥିବା ୧୭ ଜଣ, ଅଧିକ ଯାତ୍ରୀ ପରିବହନ କରୁଥିବା ୨୩ ଜଣ, ମଦ୍ୟପାନ କରି ଗାଡି ଚଳାଉଥିବା ୪୩୯ ଜଣ, ଦ୍ରୁତ ଗତିରେ ଗାଡି ଚଳାଉଥିବା ୩୫ ଜଣ ଏହିପରି ସର୍ବମୋଟ ୫୨୯ ଜଣଙ୍କର ଚାଳକ ଲାଇସେନ୍ସ ରଦ୍ଦ କରାଯାଇଛି । ଏମାନଙ୍କ ମଧ୍ୟରେ ମଦ୍ୟପାନ କରି ଗାଡି ଚଳାଉଥିବା ୩୯୨ ଜଣଙ୍କୁ ଗିରଫ କରାଯାଇଥିଲା ।

ବିନା ହେଲମେଟରେ ଗାଡି ଚଳାଉଥିବା ୫୫ ହଜାର ୧୩୧ ଜଣଂକୁ ଧରାଯାଇ ସମୁଦାୟ ୮୬,୭୫,୭୬୦ ଟଂକା ଜୋରିମନା (୨୦୧୯ ମସିହା ଜାନୁଆରୀ ଠାରୁ ନଭେମ୍ବର) ଆଦାୟ କରାଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ତାଳଚେର ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ , ଏ ଡି ଏମ୍ ଓ ଡା. ଲକ୍ଷ୍ମୀ ନାରାୟଣ ବିଶୋଇ, ଅଧିସ୍ୱିକୃତ ସମୟର ସାମ୍ବାଦିକ ଶ୍ରୀ ସଂଗ୍ରାମ ରଂଜନ ଦାସ ,ସ୍ୱେଚ୍ଛାସେବୀ ଶ୍ରୀ କଲ୍ୟାଣ କିଶୋର ମହାନ୍ତି, ଉଭୟ ଜାତୀୟ ରାଜପଥ ପ୍ରାଧିକରଣର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।



